# ଦେବୋତ୍ତର କାର୍ଯ୍ୟାଳୟ, ଆଠଗଡ଼

ପତ୍ର ନଂ- ୨୪୪ ତା ୧୨/୦୩ /୨୦୨୧ରିଖ

## ନୋଟିସ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆଠଗଡ଼ ଦେବୋତ୍ତର ପରିଚାଳନାଧିନ ଶ୍ରୀ ଶ୍ରୀ ଧବଳେଶ୍ୱର ଦେବ , ଶ୍ରୀ ଶ୍ରୀ ସର୍ପେଶ୍ୱର ଦେବ ଓ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବ ଠାକୁରଙ୍କ ନିମ୍ନ ସୈରାତମାନ ଆଗାମୀ ୨୦୨୧-୨୨ ଆର୍ଥିକ ବର୍ଷ ନିମନ୍ତେ ଜଇମୁଦ ଟେଣ୍ଡର ସୂତ୍ରେ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ସାଧା କାଗଜରେ ନିଜ ନାମ , ପିତା/ସ୍ୱାମୀଙ୍କ ନାମ ସହିତ ପୂର୍ଣ୍ଣ ଠିକଣା ଲେଖାଯାଇ ନିଜର ପରିଚୟପତ୍ର ସହିତ ନିର୍ଦ୍ଧାରିତ ଫର୍ମ ସଂଲଗ୍ନ କରି ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଆଠଗଡ଼ ଦେବୋତ୍ତର , ସାକିନ-/ପୋଅ-ଆଠଗଡ଼, ଜିଲ୍ଲା-କଟକ, ପିନ୍ କୋର୍ଡନଂ-୭୫୪୦୨୯ ଆବେଦନ କରିପାରିବେ । ନଂ୪ ସ୍ତମ୍ଭରେ ଉଲ୍ଲେଖିତ ଅମାନତ ଦେୟକୁ ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ , ଆଠଗଡ଼ ଦେବୋତ୍ତର (Sub Collector-cum -E.O. Athgarh Debottar)ଙ୍କ ସପକ୍ଷରେ ବ୍ୟାଙ୍କ ଡ୍ରାଫ୍ଟ ସଂଲଗ୍ନ କରି ପଠାଇବେ । ଯାହାକି ଆଠଗଡ଼ରେ ଉଠାଣ କରାଯାଇପାରିବ ।

ଜଇମୁଦ ଟେଣ୍ଡର କାଗଜ ଦେବୋତ୍ତର ଆଠଗଡ଼ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶେଷ ତାରିଖ ତା୨୫/୦୩/୨୦୨୧ରିଖ ସୈରାତ ଉପର ନିଜର ଧାର୍ଯ୍ୟ ମୂଲ୍ୟ(Offer Price ) ଉଲ୍ଲେଖ କରି ଅପରାହ୍ନ ୫ଘଟିକା ମଧ୍ୟରେ ରେଜିଷ୍ଟ୍ରି ଡ଼ାକ ଯୋଗେ ପହଞ୍ଚାଇବା ଆବଶ୍ୟକ । ଦରଖାସ୍ତଗୁଡ଼ିକ ତା୨୬/୦୩/୨୦୨୧ରିଖ ପୂର୍ବାହ୍ନ ୧୧ଘଟିକା ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ । ଉକ୍ତ ତାରିଖରେ ଯେଉଁ ନିଲାମ ସିଦ୍ଧ ନହେବ ତାହା ଦ୍ୱିତୀୟବାର ଆସନ୍ତା ତା୩୦/୦୩/୨୦୨୧ରିଖ ୫ଘଣ୍ଟିକା ମଧ୍ୟରେ ରେଜେଷ୍ଟି ଡ଼ାକ ଯୋଗେ ପକାଇବା ଆବଶ୍ୟକ । ଦରଖାସ୍ତଗୁଡ଼ିକ ତା୩୧/୦୩/୨୦୨୧ରିଖ ପୂର୍ବାହ୍ନ ୧୧ଘ. ସମୟରେ ଖୋଲାଯିବ । ଯଦି ଉକ୍ତ ତାରିଖରେ ଯେଉଁ ନିଲାମ ସିଦ୍ଧ ନହେବ ତାହା ତୃତୀୟବାର ଆସନ୍ତା ତା୦୬/୦୪/୨୦୨୧ରିଖ ୫ଘଣ୍ଟିକା ମଧ୍ୟରେ ରେଜେଷ୍ଟି ଡ଼ାକ ଯୋଗେ ପକାଇବା ଆବଶ୍ୟକ । ଦରଖାସ୍ତଗୁଡ଼ିକ ତା୦୭/୦୪/୨୦୨୧ରିଖ ପୂର୍ବାହ୍ନ ୧୧ଘ. ସମୟରେ ଖୋଲାଯିବ । ଦରଖାସ୍ତକାରୀମାନେ ନିମ୍ନ ନିଲାମର ସର୍ତ୍ତାବଳୀ ଓ ନିଲାମ ସମ୍ବନ୍ଧୀୟ ଆବଶ୍ୟକତା ସୂଚନା ଦେବୋତ୍ତର କାର୍ଯ୍ୟାଳୟ, ଆଠଗଡ଼ଙ୍କ ଠାରୁ ନେଇପାରିବେ । କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଉକ୍ତ ନିଲାମକୁ ସ୍ଥଗିତ କିମ୍ୱା ରଦ୍ଦ କରିପାରିବେ ।

| କ୍ର.ନଂ | ଠାକୁରଙ୍କ ନାମ ଓ ସୈରାତର ନାମ | ଧାର୍ଯ୍ୟଦର | ଅମାନତ ଦେୟ |
|---|---|---|---|
| ୧ | ୨ | ୩ | ୪ |
| ୧ | ଶ୍ରୀ ଶ୍ରୀ ଧବଳେଶ୍ୱର ଦେବଙ୍କ ଭୋଗଦୋକାନ(୧ଟି) | ଟ୨୧,୪୬,୪୩୬ | ଟ୨,୧୪,୬୪୪/- |
| ୨ | ପୁରୀ ମିଠା (୧ଟି) | ଟ୧,୪୨,୦୦୦ | ଟ୧୪,୨୦୦/- |
| ୩ | ଚାଟ୍‌ଦୋକାନ (୧ଟି) | ଟ ୬୬,୫୦୦ | ଟ୬,୬୫୦/- |
| ୪ | ନଡ଼ିଆ,କଦଳୀ,ଧୂପ,ଭାସ୍କର (୧ଟି) | ଟ୧୩,୨୦,୦୦୦/ | ଟ୧,୩୨,୦୦୦/- |
| ୫ | ଆଖୁ ରସ(୧ଟି) | ଟ୧,୧୦,୦୦୦ | ଟ୧୧,୦୦୦/- |
| ୬ | ସାଇକେଲ ଷ୍ଟାଣ୍ଡ(ମଞ୍ଚେଶ୍ୱରପଟ) | ଟ୨୭,୩୬,୮୧୦/- | ଟ୨,୭୩,୬୮୧/- |
| ୭ | ଖିଲିପାନ(୧ଟି) | ଟ୧,୭୬,୦୦୦/ | ଟ୧୭,୬୦୦/- |
| ୮ | ହବିଷାନ୍ନ (୧ଟି) | ଟ୧୯,୫୨,୫୦୦/- | ଟ୧,୯୫,୨୫୦/- |
| ୯ | ଥଣ୍ଡା ଦୋକାନ (୧ଟି) | ଟ୫,୬୭,୬୦୦/- | ଟ୫୬,୭୬୦/- |
| ୧୦ | ଜୋତାଷ୍ଟାଣ୍ଡ (୧ଟି) | ଟ୧୧,୫୬,୮୭୦/- | ଟ୧,୧୫,୬୮୭/- |
| ୧୧ | ଚା ଦୋକାନ (୧ଟି) | ଟ୧,୦୬,୭୦୦/- | ଟ୧୦,୬୭୦/- |
| ୧୨ | ଦୀପ, ଦହି,ଖୀର ଦୋକାନ (୧ଟି) | ଟ୨୮,୮୪,୨୦୦/- | ଟ୨,୮୮,୪୨୦/- |
| ୧୩ | ଦହିବରା ଆଳୁଦମ୍ (୧ଟି) | ଟ୫,୩୯,୦୦୦/- | ଟ୫୩,୯୦୦/- |
| ୧୪ | ଚୂଡ଼ିଦୋକାନ(୧ଟି) | ଟ୫୫,୦୦୦/- | ଟ୫୫୦୦/- |
| ୧୫ | ବହି, ଫଟୋ, କଡ଼ାମାଳି ଓ ମନୋହରୀ (୧ଟି) | ଟ୩,୧୨,୪୦୦/- | ଟ୩୧,୨୪୦/- |
| ୧୬ | ଶ୍ରୀ ଶ୍ରୀ ସର୍ପେଶ୍ୱର ଦେବଙ୍କ ଭୋଗ ଓଦିପଦୋକାନ(୧ଟି) | ଟ ୨୭,୬୧୦/- | ଟ୨୭୬୧/- |
| ୧୭ | ଶ୍ରୀ ଶ୍ରୀ ରାଧଗୋବିନ୍ଦ ଦେବଙ୍କ (୧ଟି) | | |
| | ଆମ୍ବ ବଗାୟତଫଳ | ଟ ୪୬,୭୫୦/- | ଟ୪୬୭୫/- |

P.T.O.

# ନିଲାମ ସର୍ତ୍ତାବଳୀ

୧) ନିଲାମରେ ଅଂଶ ଗ୍ରହଣ ଇଚ୍ଛୁକ ବ୍ୟକ୍ତି ଧାର୍ଯ୍ୟ ମୂଲ୍ୟର ଏକ ଦଶମାଂଶ ଅମାନତ ଦେୟ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ କରି ନିଲାମରେ ଅଂଶ ଗ୍ରହଣ କରିପାରିବେ ।( The Bank draft should be drawn in favour of Sub Collector -cum Executive Officer Athgarh Debottar from any Bank payble at Athgarh)

୨) ଯେଉଁ ବ୍ୟକ୍ତିଙ୍କର ଟେଣ୍ଡର ଦର ସର୍ବାଧିକ ହେବ ତାଙ୍କ ନାମରେ ନିଲାମ ସିଦ୍ଧ ହେବ । ନିଲାମଧାରୀ ୪୮ଘଣ୍ଟା ମଧ୍ୟରେ ସମସ୍ତ ଅର୍ଥ ଜମାଦେବେ । ଏହାର ଖିଲାପ କଲେ ଅମାନତ ରାଶି ବାଜ୍ୟାପ୍ତି ହୋଇ ବିଜ୍ଞପ୍ତି ଅନୁଯାୟୀ ପୁନଃ ସାନି ନିଲାମ କରାଯିବ ।

୩) ଯଦି କୌଣସି କାରଣରୁ ଧାର୍ଯ୍ୟ ଦର ଠାରୁ ଟେଣ୍ଡର ଦର କମ ଆସେ ତେବେ ନିଲାମ ରଦ୍ଦ କରାଯିବ ।

୪) ନିଲାମଧାରୀ ସମସ୍ତ ଅର୍ଥ ପୈଠ ପରେ ଦେବୋତ୍ତର ବିଭାଗର ସର୍ତ୍ତ ମାନି ଚୁକ୍ତିନାମା କରିବେ ନଚେତ୍ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରାଯାଇ ସାନି ନିଲାମ କରାଯିବ ।

୫)କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିନା କାରଣ ଦର୍ଶାଇ ଉକ୍ତ ନିଲାମକୁ ରଦ୍ଦ କରିବାର କ୍ଷମତା ରହିଅଛି ।

୬) ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ ବ୍ୟକ୍ତି ଦେବୋତ୍ତର ବିଭାଗ ଧାର୍ଯ୍ୟ କରିଥିବା ଦର ଅନୁଯାୟୀ ଆଦାୟ କରିବେ ।

୭) ଟେଣ୍ଡର ଦାଖଲ କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ କୌଣସି ବକେୟା ଥିଲେ ସେମାନଙ୍କର ନିଲାମ ଗ୍ରହଣ ହେବ ନାହିଁ ଏବଂ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି ହେବ ।

୮) ବିଜ୍ଞାପନ ବାବଦକୁ ଖବରକାଗଜର ଦେୟ ନିଲାମ ଗ୍ରାହକଙ୍କ ଠାରୁ ଅସୁଲ କରାଯିବ ।

୯) ମନ୍ଦିର ପ୍ରଶାସନ ଯେଉଁ ଜାଗା ନିରୂପଣ କରିବ, ସେହି ଯାଗାରେ ଉକ୍ତ ଦୋକାନ କରିବା ପାଇଁ ନିଲାମଧାରୀ ବାଧ୍ୟ ରହିବେ ।

୧୦) ପ୍ରଶାସନ ତରଫରୁ ସ୍ଥାୟୀ ଜାଗା ନିରୁପଣ ବ୍ୟତୀତ ଅନ୍ୟାନ୍ୟ ପ୍ରସ୍ତୁତିକରଣ ଗୃହ ଦିଆଯିବ ନାହିଁ ।

୧୧) ଯଦି ଉକ୍ତ ଇସ୍ତାହାରରେ ତୃଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି । ସୈରାତର ଉସ୍ଥ ଓ ନିଲାମ ସବିଶେଷ ବିବରଣୀ ଓ ସର୍ତ୍ତାବଳୀ ଦେବୋତ୍ତର କାର୍ଯ୍ୟାଳୟ ଆଠଗଡ଼(ଛୁଟିଦିନ ବ୍ୟତୀତ)ସମସ୍ତ କାର୍ଯ୍ୟଦିବସରେ ମିଳିପାରିବେ ଓ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ବିବରଣୀ (www. cuttack.nic. in )ରେ ଉପଲବ୍ଧ ।

୧୨) ନିଲାମ ଗ୍ରହିତା ନିମ୍ନଲିଖିତ ଦର ଅନୁସାରେ ଆଦାୟ କରିବେ ।

| | | | |
|---|---|---|---|
| ସାଇକେଲ୍ ଖଣ୍ଡ ପ୍ରତି | ଟ୫.୦୦ଙ୍କା | ମଟର ସାଇକେଲ ଟ୧୦.୦୦ଙ୍କା | |
| ତିନିଚକିଆ ଯାନ | ଟ୨୦.୦୦ଙ୍କା | କାର,ଜିପ୍ ଇତ୍ୟାଦି- ଟ୨୫.୦୦ଙ୍କା | |
| ମିନି କ୍ୟାଣ୍ଟର ବସ୍ | ଟ ୪୦.୦୦ଙ୍କା | ବଡ଼ ବସ - ଟ ୫୦.୦୦ଙ୍କା | |
| ଯୋତା ହଳ ପ୍ରତି | ଟ୩.୦୦ଙ୍କା | ଦୀପ ୧ଗୋଟିର ମୂଲ୍ୟ- ଟ୫.୦୦ଙ୍କା | |

ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ
ଆଠଗଡ଼ ଦେବୋତ୍ତର